# NATIONAL NEWS BULLETIN (ODIA)

**10 October - 2023**

**Mid Bulletin : 1.50 p.m.**

- ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗତକାଲି ରୋମ୍‌ରେ ଇଟାଲୀ ପ୍ରତିରକ୍ଷାମନ୍ତ୍ରୀ ଗ୍ୱିଡୋ କ୍ରୋସେଟ୍ଟୋଙ୍କ ସହ କଥାବାର୍ତ୍ତା କରିଛନ୍ତି ।

- ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି ।

- ତାଞ୍ଜାନିଆ ରାଷ୍ଟ୍ରପତି ଡକ୍ଟର ସାମିଆଁ ସୁଲୁ ହସନଙ୍କୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି ।

- ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏସୀୟ କ୍ରୀଡ଼ାରେ ପଦକ ବିଜେତା ତୀରଚାଳନା ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଛନ୍ତି ।

ଏବଂ

- ଆଇସିସି କ୍ରିକେଟ୍ ବିଶ୍ୱକପ୍‌ରେ ଗତ ଥରର ଚାମ୍ପିୟନ ଇଂଲଣ୍ଡ ଓ ବାଙ୍ଗଲାଦେଶ ମଧ୍ୟରେ ଏବେ ମ୍ୟାଚ୍ ଚାଲିଛି ।

## ରାଜନାଥ-ଇଟାଲୀ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗତକାଲି ଇଟାଲୀର ରୋମ୍‌ରେ ଇଟାଲୀ ପ୍ରତିରକ୍ଷାମନ୍ତ୍ରୀ ଗ୍ୱିଡୋ କ୍ରୋସେଟ୍ଟୋଙ୍କ ସହ କଥାବାର୍ତ୍ତା କରିଛନ୍ତି । ଶ୍ରୀ ସିଂହ ସେଠାକୁ ସରକାରୀ ଗସ୍ତରେ ଯାଇଛନ୍ତି । ଦୁଇନେତା ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସୁଯୋଗଗୁଡ଼ିକ ଉପରେ

ଆଲୋଚନା କରିଛନ୍ତି । ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଭାରତର ଷ୍ଟାର୍ଟ୍-ଅପ୍ କମ୍ପାନୀ ଓ ଇଟାଲୀର ପ୍ରତିରକ୍ଷା କମ୍ପାନୀ ଗୁଡ଼ିକ ମଧ୍ୟରେ ଅଧିକ କଥାବାର୍ତ୍ତାକୁ ଉତ୍ସାହିତ କରିବା ପାଇଁ ଶ୍ରୀ ସିଂହ ମତାମତ ଦେଇଛନ୍ତି ।

ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଦୁଇନେତା' ତାଲିମ ତଥ୍ୟର ଆଦାନପ୍ରଦାନ ସାମୂହିକ ସମରାଭ୍ୟାସ ଓ ସାମୁଦ୍ରିକ ସୁରକ୍ଷା ସମେତ ଅନେକ ବିଷୟରେ ଆଲୋଚନା କରିଛନ୍ତି । ପ୍ରତିରକ୍ଷା ସହଯୋଗ ବୃଦ୍ଧି ରାଜିନାମା ମଧ୍ୟରେ ନିରାପତ୍ତା ଓ ପ୍ରତିରକ୍ଷା ନୀତି, ଗବେଷଣା ଓ ବିକାଶ, ସାମରିକ କ୍ଷେତ୍ରରେ ଶିକ୍ଷା, ସାମୁଦ୍ରିକ କ୍ଷେତ୍ର ସଚେତନତା, ପ୍ରତିରକ୍ଷା ସୂଚନା ଆଦାନ ପ୍ରଦାନ ଓ ଶିଳ୍ପ ସହଯୋଗ ଭଳି ବିଷୟମାନ ସ୍ଥାନ ପାଇଛି । ଏହା ମଧ୍ୟରେ ମିଳିତ-ଉତ୍ପାଦନ, ମିଳିତ-ବିକାଶ ଓ ମିଳିତ ଉଦ୍ୟୋଗ ସ୍ଥାନ ପାଇଛି ।

## ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଡେ

ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ । ମାନସିକ ସ୍ୱାସ୍ଥ୍ୟର ସକରାତ୍ମକ ପରିବର୍ତ୍ତନ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାପେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ଶୀର୍ଷକ ରହିଛି 'ମାନସିକ ସ୍ୱାସ୍ଥ୍ୟ ଏକ ସାର୍ବଜନୀନ ମାନବିକ ଅଧିକାର' । ସାର୍ବଜନୀନ ମାନବିକ ଅଧିକାର

ଭାବେ ପ୍ରତ୍ୟେକ ଲୋକର ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଏବଂ ଏ ସମ୍ପର୍କରେ ଜ୍ଞାନର ବିକାଶ କରିବା ଏହି ଦିବସ ପାଳନର ଲକ୍ଷ୍ୟ ରହିଛି । ୧୯୯୨ ରିଚାର୍ଡ ହଣ୍ଟରଙ୍କ ନେତୃତ୍ୱରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅକ୍ଟୋବର ୧୦କୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲା । ସାରା ବିଶ୍ୱରେ "ମାନସିକ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ମାନ ବୃଦ୍ଧି" ଶୀର୍ଷକରେ ୧୯୯୪ ମସିହାରେ ପ୍ରଥମକରି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା ।

## ତାଞ୍ଜାନିଆ ପ୍ରେଜ୍-ଜେଏନ୍‌ୟୁ

ଭାରତ ଓ ତାଞ୍ଜାନିଆ ମଧ୍ୟରେ ସୁ-ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ମୁଖ୍ୟଭୂମିକା ନିଭାଇଥିବା ତାଞ୍ଜାନିଆର ରାଷ୍ଟ୍ରପତି ଡକ୍ଟର ସାମିଆଁ ସୁଲୁ ହସନଙ୍କୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଗ୍ରହଣ କରି ତାଞ୍ଜାନିଆ ରାଷ୍ଟ୍ରପତି ଡକ୍ଟର ହସନ କୃତଜ୍ଞତା ଜ୍ଞାପନ କରିବା ସହ କୌଣସି ଏକ ବିଦେଶ ମାଟିରେ ପ୍ରଥମକରି ମିଳିଥିବା ଏହି ସମ୍ମାନ ତାଙ୍କର ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଞ୍ଜାନିଆର ରାଷ୍ଟ୍ରପତି ଡକ୍ଟର

ହସନଙ୍କୁ ଏଭଳି ସମ୍ମାନ ପ୍ରଦାନ କରାଯିବା ନିଶ୍ଚିତଭାବେ ଏକ ଗୌରବର ବିଷୟ । ଶ୍ରୀ ଜୟଶଙ୍କର କହିଛନ୍ତି ଶିକ୍ଷା ଏବଂ ଦକ୍ଷତାବିକାଶ କ୍ଷେତ୍ରକୁ ଅଧିକ ବିକଶିତ କରିବା ଭାରତ ଓ ତାଞ୍ଜାନିଆ ମିତ୍ରତାର ଏକ ପ୍ରମୁଖ ଦିଗ । ଭାରତରେ ଥିବା ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ତାଞ୍ଜାନିଆର ୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି । ଏଥିସହିତ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ କ୍ଷେତ୍ରର ବିକାଶ ପାଇଁ ହୋଇଥିବା ଚୁକ୍ତି ଏକ ସଶକ୍ତ ସ୍ତମ୍ଭରେ ପରିଣତ ହୋଇଛି । ମନ୍ତ୍ରୀ କହିଛନ୍ତି ବୈଶ୍ୱିକ ମହାମାରୀ ସଂକ୍ରମଣ ଏବଂ ବିଶ୍ୱସ୍ତରରେ ଦେଖାଦେଇଥିବା ଅସ୍ଥିରତା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ଭାରତ ଓ ତାଞ୍ଜାନିଆ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ ହୋଇପାରିଛି ।

## ବିଜେପି ପ୍ରୋଟେଷ୍ଟ

ମଦ ନୀତି ଦୁର୍ନୀତି ପ୍ରସଙ୍ଗରେ ଆଜି ରାଜଧାନୀ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ବିରୋଧରେ ଭାରତୀୟ ଜନତା ପାର୍ଟିର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଇସ୍ତଫା ଦାବି କରିବା ସହ ଦିଲ୍ଲୀ ସରକାର ବିରୁଦ୍ଧରେ ସ୍ଲୋଗାନ ଲେଖାଥିବା ପ୍ଲା-କାର୍ଡ ମାନ ଧରି ବିଜେପି କର୍ମୀମାନେ ବିକ୍ଷୋଭ କରିଛନ୍ତି । ଏହି ଅବସରରେ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚ୍‌ଦେବା କହିଛନ୍ତି ଆମ୍ ଆଦ୍‌ମୀ

ପାର୍ଟିର ଦୁର୍ନୀତି ବିରୋଧରେ ଭାରତୀୟ ଜନତା ପାର୍ଟି ତା'ର ଜନଜାଗରଣ ଅଭିଯାନକୁ ଜାରି ରଖିବ । ଆମ୍ ଆଦ୍‌ମୀ ପାର୍ଟି ଦୁର୍ନୀତିଗ୍ରସ୍ତ ଏବଂ ଅପରାଧୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଦିଲ୍ଲୀ ଜନସାଧାରଣଙ୍କୁ ଲୁଟ୍‌କରିବା ଆମ୍ ଆଦ୍‌ମୀ ପାର୍ଟିର ମୁଖ୍ୟ ଲକ୍ଷ୍ୟ ହୋଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆମ୍ ଆଦ୍‌ମୀ ପାର୍ଟିର ବିଧାୟକ ଅମାନାତୁଲ୍ଲା ଖାନ୍‌ଙ୍କ ଘରେ ଚଢ଼ଉ କରିଥିବା ସୂଚନା ମିଳିଛି । ତଦନ୍ତକାରୀ ସଂସ୍ଥା ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ସଚ୍‌ଦେବା କହିଛନ୍ତି ।

## ମହିଳା ସମ୍ମାନ-ଆକାଉଣ୍ଟ୍‌ସ

ମହିଳା ସମ୍ମାନ ସଞ୍ଚୟ ସାର୍ଟିଫିକେଟ୍ ଯୋଜନାରେ ୨୦୨୩ରେ ସାରା ଦେଶରେ ୧୮ଲକ୍ଷ ମହିଳା ଜମାଖାତା ଖୋଲିଛନ୍ତି । ଏଥିରେ ବର୍ତ୍ତମାନ ସୁଦ୍ଧା ୧୧ହଜାର କୋଟି ଟଙ୍କା ଜମା ହୋଇଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟ କହିଛି ଚଳିତବର୍ଷ ଏପ୍ରିଲ ୧ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଦୁଇବର୍ଷ ଅବଧିର ଏହି ଯୋଜନାରେ ପ୍ରତି ତ୍ରୈମାସରେ ୭ ଦଶମିକ ୫ ପ୍ରତିଶତର ଏକ ସମୂଳ ସୁଧର ଆକର୍ଷଣୀୟ ବ୍ୟବସ୍ଥା ରଖାଯାଇଛି । ୨୦୨୫ ମାର୍ଚ୍ଚ ୩୧ ତାରିଖରେ ଏହି ଯୋଜନାର ଅବଧି ପୂରଣ ହେବ । ଏହି

ଯୋଜନାରେ କେବଳ ଦିଲ୍ଲୀରେ ୩୩ ହଜାର ଖାତା ଖୋଲାଯାଇ ଏଥିରେ ୪୦୫ କୋଟି ଟଙ୍କା ଜମା କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବାଇଡେନ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଜେଡନ୍‌ଙ୍କ ଦ୍ୱାରା ସରକାରୀ ଦସ୍ତାବିଜ୍‌ର ପରିଚାଳନା ସମ୍ବନ୍ଧୀୟ ତଦନ୍ତର ଅଂଶସ୍ୱରୂପ ଜଣେ ସ୍ୱତନ୍ତ୍ର କାଉନ୍‌ସିଲ ତାଙ୍କୁ ପଚାରାଉଚରା କରିଛନ୍ତି । ହ୍ୱାଇଟ୍‌ହାଉସ୍ କାଉନ୍‌ସିଲ୍‌ଙ୍କ କାର୍ଯ୍ୟାଳୟ ମୁଖପାତ୍ର ୟାନ୍ ସାମ୍‌ସ କହିଛନ୍ତି ଦୁଇଦିନ ଧରି ହ୍ୱାଇଟ୍ ହାଉସ୍‌ରେ ଏହି ପଚରାଉଚରା କରାଯାଇଥିଲା । ସ୍ୱତନ୍ତ୍ର କାଉନ୍‌ସେଲ୍ ରବର୍ଟ ହୁର୍ ବ୍ୟକ୍ତିଗତ ଭାବେ ଏହାର ପରିଚାଳନା କରିଥିଲେ । ଆମେରିକା ଆଟର୍ଣ୍ଣି ଜେନେରାଲ ମେରିକ୍ ଗାର୍ଲାଣ୍ଡଙ୍କ ଦ୍ୱାରା ତାଙ୍କୁ ମନୋନୀତ କରାଯାଇଥିଲା । ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସଭବନରେ ଗୋପନୀୟ ଦସ୍ତାବିଜ୍ ମିଳିବା ଉପରେ ଏକ ସ୍ୱତନ୍ତ୍ର ତଦନ୍ତ ହେବାପରେ ଶ୍ରୀ ହୁର୍‌ଙ୍କୁ ଏଥିପାଇଁ ନିଯୁକ୍ତ କରାଯାଇଥିଲା । ଶ୍ରୀ ବାଇଡେନ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଯିବ କି ନାହିଁ ସେ ସଂକ୍ରାନ୍ତରେ ହୁର୍‌ଙ୍କ ଟିମ୍ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରିନାହିଁ ବୋଲି ଏକ ରିପୋର୍ଟରୁ ଜଣାପଡିଛି ।

## କେରଳ-ଇସ୍ରାଏଲ

ଇସ୍ରାଏଲରେ ରହୁଥିବା କେରଳୀଙ୍କ ସମେତ ଭାରତୀୟମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ହସ୍ତକ୍ଷେପ କରିବାକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ହମାସ୍ ଓ ଇସ୍ରାଏଲ ମଧ୍ୟରେ ସମ୍ପ୍ରତି ଘମାଘୋଟ ଯୁଦ୍ଧ ଲାଗିରହିଛି । ଏହି ସ୍ଥିତିରେ ଇସ୍ରାଏଲରେ ରହୁଥିବା ପ୍ରାୟ ୭ହଜାର କେରଳୀଙ୍କୁ ଜୀବନ ସୁରକ୍ଷାକୁ ନେଇ ସେମାନଙ୍କ ପରିବାର ସଦସ୍ୟ ଭୟଭୀତ ହୋଇ ପଡିଛନ୍ତି ।

ଅନ୍ୟପକ୍ଷରେ ରବିବାର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ କହିଛନ୍ତି ଇସ୍ରାଏଲରେ ରହୁଥିବା ଭାରତୀୟମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ସେଠାକାର ଭାରତୀୟ ଦୂତାବାସ ପକ୍ଷରୁ ମଧ୍ୟ ଭାରତୀୟ ନାଗରିକମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଯେକୌଣସି ସମୟରେ କୌଣସି ପ୍ରକାର ସହାୟତା ପାଇଁ ଦୂତାବାସ ସହ ସେମାନେ ଯୋଗାଯୋଗ କରିପାରିବେ ବୋଲି ମୁରଲୀଧରନ ଗଣମାଧ୍ୟମକୁ କହିଛନ୍ତି ।

## ମୁଣ୍ଡା-ଆର୍ଚେରୀ

ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏସୀୟ କ୍ରୀଡ଼ାରେ  ପଦକ ବିଜୟୀ ହୋଇଥିବା ତୀରଚାଳନା ପ୍ରତିଯୋଗୀ, ସେମାନଙ୍କର କୋଚ ଓ ସହାୟକ

କର୍ମଚାରୀ ମାନଙ୍କୁ ସମ୍ମାନିତ କରିଛନ୍ତି । ଶ୍ରୀ ମୁଣ୍ଡା ଭାରତୀୟ ତୀରଚାଳନା ସଂଘର ସଭାପତି ଅଛନ୍ତି । ଭାରତୀୟ ତୀରଚାଳନା ଟିମ୍ ଏସୀୟ କ୍ରୀଡ଼ାରେ ୯ଟି ପଦକ ବିଜୟୀ ହୋଇଛି । ଏହି ତୀରଚାଳନା ଦଳରେ ସର୍ବମୋଟ ୧୬ଜଣ କ୍ରୀଡ଼ାବିତ୍ ଯାଇଥିଲେ ଓ ବ୍ୟକ୍ତିଗତ ପ୍ରତିଯୋଗିତା ଏବଂ ମିକ୍ସଡ ଟିମ୍‌ରେ ସେମାନେ ସମସ୍ତେ ପଦକ ବିଜୟୀ ହୋଇଛନ୍ତି । ଏହାକୁ ସେ ଐତିହାସିକ ବିଜୟ କହିଛନ୍ତି । ପଦକ ବିଜେତା ପ୍ରତିଯୋଗୀମାନେ ହେଲେ ଓଜସ ପ୍ରବୀନ ଦେଓତାଲେ, ଜ୍ୟୋତି ସୁରେଖା ବେନ୍ନାମ, ଆଦିତି ଗୋପିଚାନ୍ଦ ସ୍ୱାମୀ, ପରନୀତ କୌର, ଅଭିଷେକ ବର୍ମା, ପ୍ରଥମେଶ ଦଅକର, ଅତନୁ ଦାସ୍, ଧଇରାଜ ବୋମ୍ମଦେବରା, ତୁଷାର ପ୍ରଭାକର ଶେଲକେ, ଅଙ୍କିତା ଭବତ୍, ଭଜନ କୌର ଓ ସିମରନଜିତ୍ କୌର୍ । ଏନ୍.ଟି.ପି.ସି ସି.ଏମ୍.ଡି ଗୁରଦୀପ ସିଂହ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଏନ୍.ଟି.ପି.ସି ଲିମିଟେଡ୍ ଭାରତୀୟ ତୀରଚାଳନା ସଂଘ ସହ ମିଶି ଦେଶରେ ତୀରଚାଳନାକୁ ପ୍ରୋତ୍ସାହିତ କରୁଛି ।

## କ୍ରିକେଟ୍

ଆଇସିସି କ୍ରିକେଟ୍ ବିଶ୍ୱକପ୍‌ରେ ଗତ ଥରର ଚାମ୍ପିୟନ ଇଂଲଣ୍ଡ ଓ ବାଙ୍ଗଲାଦେଶ ମଧ୍ୟରେ ଚାଲିଛି । ଏହି ମ୍ୟାଚ୍ ହିମାଚଳପ୍ରଦେଶର ଧର୍ମଶାଳାଠାରେ ଖେଳାଯାଉଛି । ବାଙ୍ଗଲାଦେଶ କ୍ୟାପ୍‌ଟେନ୍ ଶକିବ ଅଲ୍ ହାସନ ଟସ୍ ଜିତି ଇଂଲଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ

କରିଥିଲେ । ସର୍ବଶେଷ ଖବର ମିଳିବା ବେଳକୁ ଇଂଲଣ୍ଡ ୪୨ ଓଭରରେ ୫ ଉ୍ଵିକେଟ୍ ହରାଇ ୩୦୭ ରନ୍ ସଂଗ୍ରହ କରିଥିଲା ।

ଆଜି ଖେଳାଯିବାକୁ ଥିବା ଆଉ ଏକ ମ୍ୟାଚ୍‌ରେ ପାକିସ୍ତାନ ଶ୍ରୀଲଙ୍କାକୁ ଭେଟିବ । ଏହି ମ୍ୟାଚ୍ ଅପରାହ୍ଣ ୨ଟା ବେଳେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ ।

ଗତକାଲି ନ୍ୟୁଜିଲାଣ୍ଡ' ନେଦରଲ୍ୟାଣ୍ଡ୍‌ସକୁ ୯୯ରନ୍‌ରେ ପରାସ୍ତ କରିଥିଲା । ୩୨୩ ରନ୍‌ର ବିଜୟଲକ୍ଷ୍ୟ ହାସଲ କରିବାକୁ ଯାଇ ନେଦରଲ୍ୟାଣ୍ଡ୍‌ସ ୪୬ଓଭର ଓ ୩ଟି ବଲ୍ ଖେଳି ୨୨୩ରନ୍ ସଂଗ୍ରହ କରିପାରିଥିଲା । ଆସନ୍ତାକାଲି ଦିଲ୍ଲୀରେ ଭାରତ' ଆଫଗାନିସ୍ତାନକୁ ଭେଟିବ ।